## ସଂକ୍ଷେପରେ

### ପଦବୀରୁ ଇସ୍ତଫା ଦେଲେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ

ଖଲ୍ଲିକୋଟ,୨୨।୪(ପ୍ରଶାନ୍ତ କୁମାର ମିଶ୍ର): ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା ନିଜ ପଦବୀରୁ ସୋମବାର ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ଅଧ୍ୟକ୍ଷ ପଦବୀ ଛାଡ଼ିଥିବା ସେ ଖଲ୍ଲିକୋଟ ବିଡିଓଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସ୍ୱାମୀ ଦୈତାରି ବେହେରା ଦାନପୁର ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ସୂର୍ଯ୍ୟମଣି ବୈଦ୍ୟଙ୍କୁ ବିଜେଡି ପୁଣି ନିର୍ବାଚନ ଲଢ଼ିବାକୁ ଟିକେଟ ଦେବା ପରେ ଦୈତାରୀ ଅଧ୍ୟକ୍ଷ ପଦ ଛାଡ଼ିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଅଧ୍ୟକ୍ଷ ପଦବୀରେ ରହିଥିବାରୁ ଦଳ ପାଇଁ ସମୟ ଦେଇ ପାରୁ ନ ଥିଲି। ତେଣୁ ଇସ୍ତଫା ଦେଲି। ବର୍ତ୍ତମାନ ଦଳର ସଂଗଠନ ପାଇଁ ସମୟ ଦେବି ବୋଲି ଦୈତାରୀ କହିଛନ୍ତି।

### ଭାଜପା ପକ୍ଷରୁ ବୁଥ ବିଜୟ ଅଭିଯାନ

ହିଞ୍ଜିଳିକାଟୁ,୨୨।୪(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ଭାଜପା ପକ୍ଷରୁ ବୁଥ ବିଜୟ ଅଭିଯାନର ପ୍ରାରମ୍ଭିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିଞ୍ଜିଳିକାଟୁ ଭାଜପା ନିର୍ବାଚନ ମଣ୍ଡଳୀସ୍ତରୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ଲୋକସଭା ଏମ୍‌ପି ପ୍ରାର୍ଥୀ ଅନୀତା ଶୁଭଦର୍ଶିନୀ ଯୋଗଦେଇ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କୁ ମୋଦୀ ଗ୍ୟାରେଣ୍ଟି ଉପରେ ଆଲୋଚନା କରିଥିଲେ। ନିର୍ବାଚନରେ ବିଜୟୀ ପାଇଁ ପ୍ରତ୍ୟେକ ବୁଥକୁ ଜଗିବା ଲୋକମାନଙ୍କୁ ଏକ ବିକଶିତ ରାଷ୍ଟ୍ର ଗଠନ ନିମନ୍ତେ ମୋଦି ଗ୍ୟାରେଣ୍ଟି ମନ୍ତ୍ର ପ୍ରଚାର ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ଶିଶିର ମିଶ୍ର, ଜିଲା କାର୍ଯ୍ୟକର୍ତ୍ତା ମାଧବ ଗୌଡ, ସନ୍ତୋଷ ପାଣିଗ୍ରାହୀଙ୍କ ସହ ଶତାଧିକ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

### ୪୨ନଂ ଜିଲା ପରିଷଦ ଜୋନ୍ ସ୍ତରୀୟ ସାଙ୍ଗଠନିକ ବୈଠକ

ବୁଗୁଡ଼ା,୨୨।୪(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକର ମାଣିତରା ଗ୍ରାମରେ ବିଜେଡି ପକ୍ଷରୁ ଜିଲା ପରିଷଦ ଜୋନ ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଆସିକା ଲୋକସଭା ଏମ୍‌ପି ପ୍ରାର୍ଥୀନୀ ରଞ୍ଜିତା ସାହୁ, ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନାଙ୍କ ସମେତ ଜିଲା ପରିଷଦ ଜୋନ୍ ନଂ-୪୨ ଅନ୍ତର୍ଗତ ମୋଟାବାଡ଼ି, ଗୌଡିଆବୋରଦା, ଖୋଲଖାଲି, ମାଣିତରା, ଗୋଳାବନ୍ଧ, ସଙ୍କୁରୁ ଆଦି ୬ଟି ଗ୍ରାମ ପଞ୍ଚାୟତର ଦଳୀୟ ଜନପ୍ରତିନିଧି, କର୍ମକର୍ତ୍ତା ଓ କର୍ମୀଗଣ ଯୋଗଦାନ କରିଥିଲେ।

# ଦୁଇ ମାସ ହେଲା ସୋଲାର୍ ଟାଙ୍କି ଅଚଳ

- ଜଳ ସଙ୍କଟ ଭୋଗୁଛନ୍ତି ୪୦୦ ଲୋକ
- ଭରସା ଗୋଟିଏ ନଳକୂପ

ବେଲଗୁଣ୍ଠା,୨୨।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ପ୍ରବଳ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅସହ୍ୟ ଜଳପୀଡ଼ାରେ ଦହଗଞ୍ଜ ହେଉଛନ୍ତି ବେଲଗୁଣ୍ଠା ବ୍ଲକ ସୋଡ଼ଙ୍ଗାଇ ଗ୍ରାମର ଚାରିଶହ ବାସିନ୍ଦା। ପାନୀୟ ଜଳ ଯୋଗାଣକୁ ସୁଦୃଢ଼ କରିବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ପ୍ରଣୟନ ହେଉଥିବା ବେଳେ ସୋଡ଼ଙ୍ଗାଇ ଗ୍ରାମରେ ଏହା ପ୍ରହସନରେ ପରିଣତ ହୋଇଛି। ଗତ ଦୁଇମାସରୁ ଊର୍ଦ୍ଧ୍ୱ ହେବ ଏଠାରେ ଥିବା ସୌରଚାଳିତ ପାନୀୟ ପ୍ରକଳ୍ପ ଖରାପ ହୋଇଯାଇଥିବା ଯୋଗୁ ଗ୍ରାମବାସୀ ବୁନ୍ଦାଏ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଅଚଳ ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପ

୨୦୧୮-୧୯ରେ ବେଲଗୁଣ୍ଠା ବ୍ଲକ ତନରଡା ପଞ୍ଚାୟତର ସୋଡ଼ଙ୍ଗାଇ ଗ୍ରାମରେ ଥିବା ଏକ ନଳକୂଅ ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ତିଆରି ହୋଇଥିଲା ଏବଂ ପ୍ରତି ଦଶ ଘରକୁ ଗୋଟିଏ ଗୋଟିଏ ଷ୍ଟାଣ୍ଡ ପୋଷ୍ଟ ଦିଆଯାଇ ଜଳଯୋଗାଣ କରାଯାଉଥିଲା। କିନ୍ତୁ ଏହି ପ୍ରକଳ୍ପଟି ଗତ ଦୁଇ ମାସ ହେଲା ଯାନ୍ତ୍ରିକ ତ୍ରୁଟି ଯୋଗୁ ଖରାପ ହୋଇପଡିଛି। ସ୍ଥାନୀୟ ପ୍ରଶାସନ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦେଖାକରି ଦରଖାସ୍ତ ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଏହି ଜଳ ଯନ୍ତ୍ରଣା ଆହୁରି ବଢ଼ିଯାଉଛି। ୮୦ ପରିବାରର ୪୦୦ ଗ୍ରାମବାସୀଙ୍କ ପାଇଁ ଏବେ ଏକମାତ୍ର ଭରସା ଗୋଟିଏ ନଳକୂପ। ଗ୍ରାମ ମୁଣ୍ଡରେ ଥିବା ନଳକୂପରୁ ପାଣି ବୋହିବାରେ ବରିଷ୍ଠ ନାଗରିକ ତଥା ଅସୁସ୍ଥ ଗ୍ରାମବାସୀଙ୍କ ପାଇଁ ଅସମ୍ଭବ ହୋଇପଡିଛି। ତେଣୁ ସମସ୍ୟାର ତୁରନ୍ତ ଏବଂ ସ୍ଥାୟୀ ସମାଧାନ କରିବା ନେଇ ଦାବି କରିଛନ୍ତି।

## ପାଣି ପାଇଁ ଡହଳବିକଳ ଖ ଝାଲରସିଂବାସୀ

ନୂଆଗଡ,୨୨।୪(ଯୋଗ୍ୟବନ୍ତ ପରିଚ୍ଛା)

ଗଜପତି ଜିଲା ନୂଆଗଡ ବ୍ଲକ ଅନ୍ତର୍ଗତ ଖ ଝାଲରସିଂ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଖ ଝାଲରସିଂ ଗ୍ରାମବାସୀ ଦୀର୍ଘବର୍ଷ ହେଲା ପାଣି ପାଇଁ ଡହଳବିକଳ ହେଉଛନ୍ତି। ଖ ଝାଲରସିଂ ଗ୍ରାମରେ ୩ ହଜାରରୁ ଊର୍ଦ୍ଧ୍ୱ ଜନଜାତି ବାସ କରନ୍ତି। ଏହି ଗ୍ରାମବାସୀ ଦୀର୍ଘବର୍ଷ ହେଲା ପାଣି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ବସୁଧା ଯୋଜନାରୁ ଏହି ଗ୍ରାମବାସୀ ବଞ୍ଚିତ। ଏହି ଗ୍ରାମରେ ୪ଟି ନଳକୂପ ଅଛି, କିନ୍ତୁ କୌଣସି ଗୋଟିଏ ବି ପାଣି ଭଲରେ ଆସୁନାହିଁ। ସେହିପରି ୩ଟି କୂଅରୁ ୨ଟି ଶୁଖିଲା ପଡିଛି। ଗୋଟିଏ କୂଅର ପାଣିକୁ ପାନୀୟ ଭାବେ ବ୍ୟବହାର କରୁଥିବା ବେଳେ ସେହି ପାଣିରେ ଲୁଗା ସଫା କରୁଛନ୍ତି। ଯାହାଫଳରେ ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ଅଛି। ଏହି ଗ୍ରାମରେ ସରକାରଙ୍କ ଯୋଜନା ଅନୁଯାୟୀ ୫ ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଖଞ୍ଜାଯାଇଛି। କିନ୍ତୁ ଦୀର୍ଘ ୮ ବର୍ଷରୁ ଊର୍ଦ୍ଧ୍ୱ ହେଲା କୌଣସି ଟ୍ୟାପରେ ପାଣି ଆସୁନାହିଁ। ଏହି ସମସ୍ୟା ନେଇ ଗ୍ରାମବାସୀ ପ୍ରଶାସନ ଏବଂ ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଭାକର ମୁନିଙ୍କୁ ଜଣାଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ସମସ୍ୟା ସମାଧାନ ହୋଇପାରିନାହିଁ। ଅତିଶୀଘ୍ର ପାଣି ସମସ୍ୟାର ସମାଧାନ କରା ନଗଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।



ପାଣି ଆସୁ ନ ଥିବାରୁ ଟ୍ୟାପ୍ ଅଚଳ ହୋଇପଡିଛି।

## କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷାଙ୍କ ଇସ୍ତଫା

କବିସୂର୍ଯ୍ୟନଗର,୨୨।୪ (କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବିଡିଓ ସାଗରୀକା ଷଡଙ୍ଗୀ ଜରିଆରେ ଇସ୍ତଫା ପତ୍ର ଜିଲାପାଳଙ୍କୁ ପଠାଇଛନ୍ତି। ସେ ୨୦୨୨ ପଞ୍ଚାୟତ ନିର୍ବାଚନରେ କବିସୂର୍ଯ୍ୟନଗର ସମିତି ନନ୍ଦିଆଗଡା ପଞ୍ଚାୟତରେ ନିର୍ଦ୍ୱନ୍ଦ୍ୱରେ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ପୁଣି କବିସୂର୍ଯ୍ୟନଗର ସମିତି ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରିଆସୁଥିଲେ। ନନ୍ଦିଆଗଡା ସରପଞ୍ଚ ରାଜଲକ୍ଷ୍ମୀ ଦାସ ସହ ଭଲ ସମ୍ପର୍କ ନ ଥିଲା।

## ଗରମ ଡାଲିରେ ପଡ଼ି ଶିଶୁକନ୍ୟା ଗୁରୁତର ଘଟଣା, ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ପାରଳାଖେମୁଣ୍ଡି, ୨୨।୪ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲା ମୋହନା ବ୍ଲକ ଦମାଦୁଆ ସରକାରୀ ବାଳିକା ଆଶ୍ରମ ବିଦ୍ୟାଳୟରେ ଗରମ ଡାଲିରେ ପଡ଼ି ଜଣେ ଶିଶୁକନ୍ୟା ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ସୋମବାର ତାର ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ ଗତ ୧୬ ତାରିଖ ସନ୍ଧ୍ୟାରେ ରୋଷେୟା ନମିତା ମଲ୍ଲିକ ତାଙ୍କ ୫ ବର୍ଷର ଝିଅକୁ ନେଇ ଆଶ୍ରମ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ରୋଷେଇ କରୁଥିବା ସମୟରେ ଶିଶୁକନ୍ୟା ଗରମ ଡାଲିରେ ପଡିଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ମୋହନା ଓ ପରେ କଟକ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ କଟକ ମେଡିକାଲରେ ତା'ର ମୃତ୍ୟୁ ଘଟିଛି।

## ଉଦ୍‌ଘାଟନ ମ୍ୟାଚରେ ଚାହାଳି ଟିମ୍ ବିଜୟୀ



ମ୍ୟାଚକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଭଞ୍ଜନଗର,୨୨।୪(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ରାଇଗୋଛାରେ ସୋମବାର ମା' ଶୂଳାବଣି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନ ମ୍ୟାଚ ଝାଲିଆଗୋଛା ଓ ଚାହାଳି ଟିମ୍ ମଧ୍ୟରେ ହୋଇଥିଲା। ଝାଲିଆଗୋଛା ଟିମ୍ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଚାହାଳି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ୍ ବିନିମୟରେ ୮୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଝାଲିଆଗୋଛା ଟିମ୍ ୧୦ ଓଭରରେ ୬ଟି ଉଇକେଟ୍ ହରାଇ ମାତ୍ର ୭୬ ରନ୍ କରି ପରାଜିତ ହୋଇଛି। ଚାହାଳିର ହରସିତ୍ କହଁର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଯୋଗେଶ ନାୟକ, ଯୋଗେଶ୍ୱର ଗୌଡ ଅମ୍ପାୟର ରହିଥିଲେ। ଟୁର୍ନମେଣ୍ଟକୁ ଗଞ୍ଜାମ ଜିଲା ବିଜେଡି ଉପସଭାପତି ରାଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଗାଲେରି ସରପଞ୍ଚ ପ୍ରତିନିଧି ଶଙ୍କରସେନ୍ ମହାରଥା, ବଦାଙ୍ଗି ସରପଞ୍ଚ ପ୍ରତିନିଧି ମରାଟୀ ଦଳବେହେରା, ସମାଜିକ କର୍ମୀ ସୁଶାନ୍ତ କୁମାର ସାହୁ, ପାଣ୍ଡୁ ଗୌଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିତେନ୍ଦ୍ର କୁମାର ସେଠୀ, କାହ୍ନୁ ନାୟକ, ଶିଶିର ଗୌଡ, ସନ୍ତୋଷ ଗୌଡ, କାହ୍ନୁ ଗୌଡ, ତାରିଣୀ ସେଠୀ, ଜିତୁ ନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## କଞ୍ଚଣା ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ

ଖଲ୍ଲିକୋଟ,୨୨।୪(ପ୍ରଶାନ୍ତ କୁମାର ମିଶ୍ର)

ସୋମବାର ସନ୍ଧ୍ୟାରେ କଞ୍ଚଣା ଖେଳ ପଡିଆ ଠାରେ ଭାଜପାର ଏକ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପୂର୍ବତନ ସଭାପତି ସମୀର ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ଅନିତା ଶୁଭଦର୍ଶୀନୀ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ ଯୋଗଦାନ କରିଥିଲେ। କଞ୍ଚଣା ସମିତି ସଭ୍ୟ ଚିତ୍ରସେନ ଘୋଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ୮ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ଏବଂ ଆସିକା ଏମ୍‌ପି ପ୍ରାର୍ଥୀ ଅନିତା ସୁଭଦର୍ଶନୀଙ୍କୁ ବିଜୟ କରାଇବା ପାଇଁ ରାଜ୍ୟ ପ୍ରଭାରୀ ନିବେଦନ କରିଥିଲେ। ଏହି ଅବସରରେ ଭାଜପାର ବହୁ ନେତା କର୍ମୀ ଉପସ୍ଥିତ ଥିଲେ।

## ମା' ରାମଚଣ୍ଡୀଙ୍କ ପୀଠରେ ପୃଥିବୀ ଦିବସ

ଛତ୍ରପୁର,୨୨।୪(ସନ୍ତୋଷ ପାଢ଼ୀ):

ଦିନକୁ ଦିନ ପୃଥିବୀରେ ଗଛଲତା କଟାଯାଇ ଚାରିଆଡ଼େ ଜନବସତି ସୃଷ୍ଟି ହେବାରେ ଲାଗିଛି ଓ ତା'ସହ ତାପମାତ୍ରା ମଧ୍ୟ ବଢ଼ିବାରେ ଲାଗିଛି। ସେହିପରି ପୃଥିବୀ ପୃଷ୍ଠର ସନ୍ତୁଳନ ମଧ୍ୟ ବିଗିଡିବାରେ ଲାଗିଛି, ଯେଉଁଥିପାଇଁ କି ଜଳବାୟୁରେ ଆକାଶ ପାତାଳ ପରିବର୍ତ୍ତନ ଦେଖିବାକୁ ମିଳୁଛି। ତେଣୁ ଏ ସବୁକୁ ନଜରରେ ରଖି ଏପ୍ରିଲ ୨୨ ତାରିଖ ସୋମବାର ପୃଥିବୀ ଦିବସ ପାଳନ ଅବସରରେ ମା' ରାମଚଣ୍ଡୀ ଟ୍ରଷ୍ଟ, ପରିଚାଳନା କମିଟି ଓ ପୂଜା କମିଟିର ମିଳିତ ଉଦ୍ୟମରେ ମା' ରାମଚଣ୍ଡୀ ମନ୍ଦିର ପରିସରରେ ରହିଥିବା ପାହାଡ଼ରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବା ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସକାଳ ୭ଟାରୁ ଆରମ୍ଭ ହୋଇ ୯ଘଟିକା ପର୍ଯ୍ୟନ୍ତ କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିଲା। ଏଥିରେ ସହଯୋଗର ହାତ ବଢାଇଥିଲେ ମନ୍ଦିର ପୂଜା କମିଟିର ସଭାପତି ତଥା କରପଡା ପଞ୍ଚାୟତର ସରପଞ୍ଚ ଅଜୟ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, ଛତ୍ରପୁର ବଜରଙ୍ଗ ଦଳର ଏସ. ରାମକୃଷ୍ଣ ରେଡ୍ଡୀ। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳକ ସନ୍ତୋଷ ପଣ୍ଡା, ଏସ. ରବି, ଲକ୍ଷ୍ମୀଧର ପ୍ରଧାନ, ୟୁ. ଶ୍ରୀକାନ୍ତ, ଶଙ୍କର ନାୟକ, ଶ୍ରୀକାନ୍ତ ରାଓ, ରୁଦ୍ର ମିଶ୍ର, ମାଧବ ସାସମଲ, ମନୋଜ ମିଶ୍ର, ସୁଧୀର ମହାରଣା, ଦଣ୍ଡପାଣି ମହାରଣା, ଶିବରାମ ନାୟକ (ଗାଣ୍ଡୁ), ବରୁଣ ନାୟକ, ଗୋପାଳ ନାୟକ ଓ ଉପେନ୍ଦ୍ର ବେହେରା ପ୍ରମୁଖଙ୍କ ବିଶେଷ ଅବଦାନ ରହିଥିଲା। ଶେଷରେ ବିମଳ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଦିଗପହଣ୍ଡି ଆସନ ପାଇଁ ବିପ୍ଳବଙ୍କ ନାମାଙ୍କନ ଦାଖଲ



ଶୋଭାଯାତ୍ରାରେ ବିଜେଡି ପ୍ରାର୍ଥୀ ବିପ୍ଳବ।

ଦିଗପହଣ୍ଡି,୨୨।୪ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ପୁତ୍ର ବିପ୍ଳବ ପାତ୍ର ସୋମବାର ଦିଗପହଣ୍ଡି ବିଧାନସଭା ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆସନ୍ତା ମେ ୧୩ ତାରିଖରେ ହେବାକୁ ଥିବା ଲୋକସଭା ଓ ବିଧାନସଭା ନିର୍ବାଚନକୁ ନେଇ ପ୍ରମୁଖ ରାଜନୈତିକ ଦଳଙ୍କ ମଧ୍ୟରେ ରଣନୀତି ଆରମ୍ଭ ହେବା ସହ ପ୍ରାର୍ଥୀମାନେ ନିଜ ନିର୍ବାଚନ ମଣ୍ଡଳୀରେ ପହଞ୍ଚି ନିର୍ବାଚନ ପ୍ରଚାର କରି ଆସୁଛନ୍ତି। ଏଭଳି ସ୍ଥିତିରେ ସମସ୍ତଙ୍କ ନଜର ରହିଛି ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଉପରେ। ବିଗତ ଦିନରେ ବିଧାୟକ ସୂର୍ଯ୍ୟଙ୍କ ମୃତ୍ୟୁ ପରେ ଦିଗପହଣ୍ଡି ଗଡକୁ ସମ୍ଭାଳିବ କିଏ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା। ପରିଶେଷରେ ବିଜେଡି ଦଳ ବିପ୍ଳବଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳୀୟ ଟିକେଟ ଦେବାପରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ସୋମବାର ବିପ୍ଳବ ପ୍ରଥମେ ମାଁ ମହୁରୀ କାଲୁଆଙ୍କ ଦର୍ଶନ ଓ ବିଜୟ ଆର୍ଶୀବାଦ କାମନା କରିଥିଲେ। ଏହାପରେ ଦିଗପହଣ୍ଡି ସ୍ଥିତ କପାମଣ୍ଡୀ ନିକଟସ୍ଥ ସୂର୍ଯ୍ୟଙ୍କ ସମାଧି ସ୍ଥଳରେ ପୂଜାର୍ଚ୍ଚନା ପରେ ବିରାଟ ବାଇକ ଶୋଭାଯାତ୍ରାରେ ବ୍ରହ୍ମପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାରେ ବିପ୍ଳବଙ୍କ ମା' ରାଜଶ୍ରୀ ପାତ୍ରଙ୍କ ସମେତ ପରିବାର ସଦସ୍ୟ ବୃନ୍ଦ ଏବଂ ବିଜେଡିର ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଦିଗପହଣ୍ଡି ଓ କୁକୁଡାଖଣ୍ଡି ବ୍ଲକ ବିଜେଡିର ବହୁ ଛାମୁଆ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭାଜପାର ମିଶ୍ରଣ ପର୍ବ, ସାଧାରଣ ସଭା

ବେଲଗୁଣ୍ଠା,୨୨।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗତ ତିନି ଦିନ ତଳେ ବିଜେଡି ପ୍ରଚାର ମଇଦାନରେ ନିଜର ଶକ୍ତି ପ୍ରଦର୍ଶନ କରିଥିବା ବେଳେ ରବିବାର ଭାଜପା ମଧ୍ୟ ନିଜ ଶକ୍ତି ପ୍ରଦର୍ଶନ କରି ପରିବର୍ତ୍ତନର ଆହ୍ୱାନ ଦେଇଛି। ସୋରଡ଼ା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ନୀଳମଣି ବିଷୋୟୀଙ୍କ ନେତୃତ୍ୱରେ ବେଲଗୁଣ୍ଠା ବଡ଼ଦାଣ୍ଡରେ ଏକ ମିଶ୍ରଣ ପର୍ବ ଏବଂ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ କେନ୍ଦ୍ରବିନ୍ଦୁ ଥିଲେ ଚର୍ଚ୍ଚିତ ଚେହେରା ତଥା ଗୋପାଳପୁର ବିଧାୟକ ଏବଂ ବ୍ରହ୍ମପୁର ଭାଜପା ଏମ୍‌ପି ପ୍ରାର୍ଥୀ ଡ. ପ୍ରଦୀପ ପାଣିଗ୍ରାହୀ ଓ ଆସିକା ଏମ୍‌ପି ପ୍ରାର୍ଥିନୀ ଅନୀତା ଶୁଭଦର୍ଶିନୀ। ଏହି ସମାବେଶରେ ବହୁ କର୍ମୀ ନେତା ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ। ବିଶେଷ କରି ଗତ କିଛିଦିନ ତଳେ ବିଜେଡି ଛାଡିଥିବା ବେଲଗୁଣ୍ଠା ଏନଏସି ଉପାଧ୍ୟକ୍ଷା ଟି.ବବିତା କୁମାରୀ, ତାଙ୍କ ସ୍ୱାମୀ ତଥା ପୂର୍ବତନ କାଉନସିଲର, ସଙ୍ଗଠକ ଲିଙ୍ଗରାଜ ପାତ୍ର ଓ ଯତୀନ ପାତ୍ର ସେମାନଙ୍କ ଶତାଧିକ ସମର୍ଥକଙ୍କ ସହିତ ଭାଜପାରେ ସାମିଲ ହୋଇ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଭିନ୍ନ ଦୁର୍ନୀତି ହେଉଥିବା ଅଭିଯୋଗ କରି ଆଗାମୀ ଦିନରେ ସେସବୁ ପର୍ଦ୍ଦାଫାଶ ହେବ ବୋଲି କହିଥିଲେ। ଆମେ ବିଜେଡି ଦଳରେ ଥିଲେ ମଧ୍ୟ ଆମକୁ କୌଣସି କାର୍ଯ୍ୟକ୍ରମରେ ପଚରାଯାଉ ନ ଥିବା ଅଭିଯୋଗ କରିବା ସହ ଉପାଧ୍ୟକ୍ଷାଙ୍କୁ କୌଣସି ଗୁରୁତ୍ୱ ଦିଆଯାଉ ନ ଥିବା କହିଥିଲେ। ତାଙ୍କ ସହିତ ଆଇନଜୀବୀ ଗଗନ ବିହାରୀ ବିଞ୍ଚାଣିରା, ଶିକ୍ଷାବିତ୍ ରବୀନ୍ଦ୍ରନାଥ ଚୌଧୁରୀ, ପୂର୍ବତନ କାଉନସିଲର ରାଧାକୃଷ୍ଣ ସ୍ୱାଇଁ, ରବୀନ୍ଦ୍ରନାଥ ସାହୁ, ଭଗବାନ ସେଠୀ, ୧ ନମ୍ବର ୱାର୍ଡର ବହୁ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ଖଦାଳ ପୋଲାଇ, ମଦନ ମାହନ୍ତ, କମଳା ପତି, ଅଜୟ ପତି, ଶଙ୍କର ପାତ୍ର, ରାମଚନ୍ଦ୍ର ମିଶ୍ର, ଉଦ୍ଧୁରାର ପୂର୍ବତନ ସମିତି ସଭ୍ୟ ବଳରାମ ସ୍ୱାଇଁ, ସୋରଡ଼ା ଏନ୍‌ଏସିର ୫ ନମ୍ବର କାଉନସିଲର ସୁଷମା ବେହେରା, ବେଲଗୁଣ୍ଠାର ବହୁ କର୍ମୀ ଓ ନେତା ଭାଜପାରେ ଯୋଗଦେଇଥିଲେ। ଡ. ପ୍ରଦୀପ ପାଣିଗ୍ରାହୀ ଆସ୍କା ଲୋକ ସଭା ଓ ସୋରଡ଼ା ବିଧାନସଭାରେ ପଦ୍ମ ଫୁଟାଇବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଲୋକ ସଭା ପ୍ରାର୍ଥିନୀ ତଥା ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ କନ୍ୟା ମଧ୍ୟ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଘୁମୁସର ଜିଲା କୃଷକ ମୋର୍ଚ୍ଚା ସଭାପତି କେ.ରବୀନ୍ଦ୍ର କୁମାର ପାତ୍ର, ଶିବରାମ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।



ଶୋଭାଯାତ୍ରାରେ ଭାଜପା ପ୍ରାର୍ଥୀ।

# ଦୋଷୀ ସାବ୍ୟସ୍ତ ହେଲେ ୩ ଅଭିଯୁକ୍ତ

### ମହିଳାଙ୍କୁ ମାରି ସମୁଦ୍ରରେ ପକାଇବା ଧମକ ଘଟଣା

ଛତ୍ରପୁର,୨୨।୪(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ):

ଚମାଖଣ୍ଡି ଥାନା ଅନ୍ତର୍ଗତ ହରିପୁରରେ ୩ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିବାକୁ ଧମକ ଦେବା ମାମଲାର ଶୁଣାଣି କରି ସୋମବାର ଛତ୍ରପୁର ଏସଡ଼ିଜେଏମ ପ୍ରୀତିଶ କୁମାର ରଥ ଅଭିଯୁକ୍ତ ହରିପୁର ଗ୍ରାମର ତାରିଣୀ ବେହେରା ଓ ତାଙ୍କ ଦୁଇ ପୁଅ ହେମନ୍ତ କୁମାର ବେହେରା ଓ ପବିତ୍ର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ପ୍ରୋବେଶନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୪ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପୂର୍ବକ କଠୋର ଚେତାବନୀ ଦେବା ସହ ବ୍ୟକ୍ତିଗତ ୧୦ ହଜାର ଟଙ୍କା ବଣ୍ଡରେ ଛାଡିଛନ୍ତି। ଉକ୍ତ ଧାରା ୪ ଅନୁସାରେ ବର୍ତ୍ତମାନ ସେମାନେ ଜିଲା ପ୍ରୋବେଶନର ଅଧିକାରୀଙ୍କ ନଜରରେ ଏକ ବର୍ଷ ପର୍ଯ୍ୟନ୍ତ ନଜରବନ୍ଦୀ ରହିବେ ଓ ଏହି ଅଧିକାରୀ ସେମାନଙ୍କ କାର୍ଯ୍ୟକଳାପକୁ ତୀକ୍ଷଣ ନଜର ରଖିବା ସହ ରିପୋର୍ଟ ପ୍ରଦାନ କରିବେ। ସରକାରଙ୍କ ପକ୍ଷରୁ କ୍ୟାଡ଼ର ଏପିପି ଶ୍ରୀ ରାଜେଶ କୁମାର ମିଶ୍ର ଏହି ମାମଲାକୁ ପରିଚାଳନା କରୁଥିଲେ।

ସୂଚନାଯୋଗ୍ୟ ଯେ, ୫ ଡିସେମ୍ବର, ୨୦୨୧ ଦିନ ୨ଟା ସମୟରେ ଯେତେବେଳେ ଅଭିଯୋଗକାରିଣୀ ଶ୍ରୀମତୀ ଅଞ୍ଜନା ବେହେରା ଦୁଇଜଣ ମହିଳାଙ୍କ ସହ ନିଜ ଘର ସମ୍ମୁଖରେ ବସି କଥା ହେଉଥିଲେ ସେହି ସମୟରେ ମୁଖ୍ୟ ଅଭିଯୁକ୍ତ ତାରିଣୀ ବେହେରା ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। କାହିଁକି ଗାଳି କରୁଛୁ ପଚାରିବାରୁ ସେ ଓ ତାଙ୍କ ଦୁଇ ପୁଅ ପବିତ୍ର ବେହେରା ଓ ହେମନ୍ତ ବେହେରା ହାତରେ ଧରିଥିବା କାତି ଓ କୁରାଢ଼ୀରେ ତାଙ୍କୁ ଜୀବନରେ ମାରି ସମୁଦ୍ରରେ ପକାଇଦେବା ନେଇ ଧମକ ଦେଇଥିଲେ। ଏହି ସମୟରେ ଅଭିଯୋଗକାରିଣୀ ଓ ଅନ୍ୟ ମହିଳାମାନେ ପାଟି କରିବାରୁ ସେଠାକୁ ଗାଁ ଲୋକ ଆସିବା ଦେଖି ଅଭିଯୁକ୍ତମାନେ ପଳାଇଥିଲେ। ପରେ ନିଜ ଜୀବନ ପ୍ରତି ବିପଦ ଥିବା ଭାବି ଏହି ଘଟଣାକୁ ନେଇ ସେହିଦିନ ରାତି ୭ଟାରେ ଅଭିଯୋଗକାରିଣୀ ଅଞ୍ଜନା ବେହେରା ଚମାଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲାଟି ଛତ୍ରପୁର ଏସଡିଜେଏମ କୋର୍ଟରେ ବିଚାରାଧୀନ ରହିଥିଲା। ସବ ଇନ୍ସପେକ୍ଟର ମାନସୀ ସାହୁ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ଆଜି ୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ନ୍ୟାୟାଧୀଶ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଏଭଳି କାର୍ଯ୍ୟରୁ ଭବିଷ୍ୟତରେ ବିରତ ରହିବାକୁ ଚେତାଇ ଦେବା ସହ ବର୍ଷେ ପର୍ଯ୍ୟନ୍ତ ପ୍ରୋବେଶନ ଅଫିସରଙ୍କ ନଜରାଧୀନ ରହିବେ ବୋଲି କହିଥିଲେ।

## ସଂକ୍ଷେପରେ

### ଭାଜପାରେ ମିଶିଲେ ଗୋଇଲୁଣ୍ଡିର ବିଜେଡି କର୍ମୀ

ବ୍ରହ୍ମପୁର,୨୨।୪(ନରସିଂହ ସାହୁ)

ବ୍ରହ୍ମପୁର ମହାନଗର ଅନ୍ତର୍ଗତ ଗୋଇଲୁଣ୍ଡି ୩୪ନଂ ୱାର୍ଡର ବହୁ ସଂଖ୍ୟକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ବିଜେଡିର ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ କରି ସେମାନେ ଏହି ପଦକ୍ଷେପ ନେଇଛନ୍ତି। ଭାଜପା ବିଧାୟକ ପ୍ରାର୍ଥୀ କେ. ଅନୀଲ କୁମାରଙ୍କ ଉପସ୍ଥିତିରେ ଅଧିକାଂଶ ତେଲୁଗୁ ଲୋକ ପଦ୍ମଫୁଲ ଟୋପି ପିନ୍ଧିଥିଲେ। ସେମାନଙ୍କ ମଧ୍ୟରେ ବି. କାହ୍ନା ପାତ୍ର, ପି. ମୋହନ, ରମେଶ ରେଡ଼ି, କେ. ସୁଦର୍ଶନ ଦାସ, ଶ୍ରୀକାନ୍ତ ପଣ୍ଡିତ, ପି. ସୁନିଲ ପାତ୍ର, ମୋହନ ରେଡ଼ି, କିରଣ ରେଡ଼ି ଓ ଅନ୍ୟମାନେ ଅଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସବ୍‌କା ସାଥ୍‌ ଓ ସବ୍‌କା ବିକାଶ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇଥିବା କହିଛନ୍ତି।

ସେହିପରି ୨ନଂ ୱାର୍ଡର ଟାଣୁଆ ନେତା ଗୋପାଳ ରଥ ଓ ତାଙ୍କ ସମର୍ଥକମାନେ ଜିଲା ଭାଜପା ସଭାପତି ଡ଼ା. ସୁବାସ ସାହୁଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଛନ୍ତି। ଏହି କାର୍ଯ୍ୟକ୍ରମରେ ପୀତବାସ ପଣ୍ଡା, ଅଶୋକ ଶୁକ୍ଳ, ଭାଜପା ନେତା ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ରାମ ପ୍ରସାଦ ସାମଲ, ଏମ. ଜଗଦୀଶ ରାଓ, ଟି. ଗୋପି, ବଦ୍ରି ନାୟକ, ରଂଜିତ ପଟ୍ଟନାୟକ, ତୁତୁନ ପାତ୍ର, ସୁଶାନ୍ତ ସାମଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଭୋଟ ଗ୍ରହଣ ଦିନ ପାଖେଇ ଆସୁଛି ଏବଂ ଦଳ ଡ଼ିଆଁ ପର୍ବ ମଧ୍ୟ ଲମ୍ବି ଚାଲିଛି। ତେଣୁ ବିଭିନ୍ନ ଦଳ ପକ୍ଷରେ ଚିନ୍ତାର କାରଣ ପାଲଟିଛି।

### ବେଆଇନ ଗଞ୍ଜେଇ ସହ ୫ଟି ଦେଶୀ ବନ୍ଧୁକ ଜବତ

ବାଲିଗୁଡ଼ା,୨୨।୪
(ସଞ୍ଜୀୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ପୋଲିସ ଗଦ୍ରିଙ୍ଗିଆ ଘାଟି ନିକଟସ୍ଥ ଇର୍ପିଗୁଡ଼ା ଜଙ୍ଗଲରୁ ୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବେଆଇନ ଗଞ୍ଜେଇ ଜବତ କରିଛି। ଘଟଣା ସ୍ଥଳରୁ ୪୦ କୁଇଣ୍ଟାଲ୍‌ ୬୫୦ ଗ୍ରାମ୍‌ ଗଞ୍ଜେଇ ସହ ୫ଟି ଦେଶୀ ବନ୍ଧୁକ ଜବତ ହୋଇଥିବା ବେଳେ ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ଏ ନେଇ ବାଲିଗୁଡ଼ା ଥାନାରେ ନଂ. ୧୦୩/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ଲାଗି ତଦନ୍ତ ଜାରି ରଖିଛି।

### ନାବାଳିକା ଗର୍ଭବତୀ ପରେ ଫେରାର ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡି,୨୨।୪(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟ ନାବାଳିକାଙ୍କୁ ପ୍ରଥମେ ପ୍ରେମ ଓ ପରେ ଗର୍ଭବତୀ କରି ଫେରାର ଥିବା ବିବାହିତ ଯୁବକଙ୍କୁ ବ୍ରାହ୍ମଣୀଗାଁ ପୋଲିସ ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ସାନୁ ପାତ୍ର। ଅଭିଯୁକ୍ତ ବିବାହିତ ହୋଇଥିବା ବେଳେ ତାଙ୍କର ୨ଟି ସନ୍ତାନ ଅଛନ୍ତି। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ସାନୁଙ୍କ ନାଁରେ ମାର୍ଚ୍ଚ ୧୮ରେ ଥାନାରେ ଏତଲା ଦିଆଯାଇଥିଲା। ଏ ନେଇ ଏକ ମାମଲା (ନଂ.୩୦/୨୪) ରୁଜୁ କରାଯାଇଥିଲା। ପୋଲିସର ତଦନ୍ତ ଚାଲିଥିବାରୁ ସାନୁ ଗିରଫ ଭୟରେ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ପୋଲିସ ସାନୁଙ୍କ ଫୋନ ଟ୍ରାକ୍‌ କରି ତାଙ୍କୁ ଧରିବାକୁ ଉଦ୍ୟମ ଜାରିରଖିଥିବା ବେଳେ ସାନୁ ପୁଣି ଭୁବନେଶ୍ୱର ଫେରିଆସିଥିଲେ। ଖବର ପାଇ ପୋଲିସ ଭୁବନେଶ୍ୱର ଯାଇ ସାନୁଙ୍କୁ ଗିରଫ କରିଥିଲା।

# ଲକ୍ଷ୍ମୀ ବସ ଗାଁକୁ ଚଳାଚଳ ପାଇଁ ଦାବି, ବିକ୍ଷୋଭ

ଦାରିଙ୍ଗବାଡି,୨୨।୪(ଅରୁଣ ସାହୁ):



ଆନ୍ଦୋଳନକରି ତହସିଲଦାରଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

ଦାରିଙ୍ଗବାଡ଼ି ବ୍ଲକ ଭ୍ରମରବାଡ଼ି ପଞ୍ଚାୟତ ବୁଡ଼ାନପିପାଲି ଗ୍ରାମରେ ଲକ୍ଷ୍ମୀ ବସ ପଞ୍ଚାୟତ ହେଡ୍‌କ୍ୱାର୍ଟର୍ସ ନୁହେଁ ଗାଁଠାରୁ ବ୍ଲକକୁ ଯାତାୟାତ କରିବାକୁ ଦାବି ନେଇ ସୋମବାର ବିକ୍ଷୋଭ କରାଯାଇଛି। ଅଟୋଭଡ଼ା ବୃଦ୍ଧିକୁ ନେଇ ଜନ ଅସନ୍ତୋଷ ଦେଖାଯିବା ସହ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବୁଡାନପିପାଲି ଗ୍ରାମରେ ରାସ୍ତା ଅବରୋଧ କରିଛନ୍ତି। ରବିବାର ପୂର୍ବାହ୍ନ ୧୧ଟାରୁ ଏହି ରାସ୍ତା ଅବରୋଧ କରି ଆନ୍ଦୋଳନ ଚାଲିଥିବା ବେଳେ ସୋମବାର ମଧ୍ୟାହ୍ନରେ ପ୍ରଶାସନ ଚେଷ୍ଟାରେ ଏହି ଆନ୍ଦୋଳନ ସ୍ଥଗିତ ହୋଇପାରିଛି। ପ୍ରକାଶ ଯେ, ଦାରିଙ୍ଗବାଡି ବ୍ଲକ ହେଡ୍‌କ୍ୱାର୍ଟର୍ସଠାରୁ ସମସ୍ତ ପଞ୍ଚାୟତ ହେଡ୍‌କ୍ୱାର୍ଟର୍ସକୁ ଲକ୍ଷ୍ମୀବସ ଦୈନିକ ଯାତାୟାତ କରୁଛି। ଏଥିରେ ମହିଳାମାନଙ୍କୁ ମାତ୍ର ୫ ଟଙ୍କାରେ ଯାତ୍ରା କରିବାର ସୁବିଧା ରହିଥିବାରୁ ସରକାରୀ ଓ ବେସରକାରୀ କାର୍ଯ୍ୟରେ ବ୍ଲକ ହେଡ୍‌କ୍ୱାର୍ଟର୍ସକୁ ଯାତାୟାତ ପାଇଁ ଯଥେଷ୍ଟ ସୁବିଧା ହେବା ସହ ଲୋକଙ୍କ ଖର୍ଚ୍ଚ ଓ ସମୟରେ ଅନେକ ଫାଇଦା ମିଳୁଛି। ତେବେ ଦାରିଙ୍ଗବାଡି ଏକ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଘାଟି ପାହାଡ଼ ଚଢି ଲୋକମାନେ ପଞ୍ଚାୟତ ହେଡ୍‌କ୍ୱାର୍ଟର୍ସକୁ ଆସି ଲକ୍ଷ୍ମୀ ବସ ଧରି ଅନ୍ୟତ୍ର ଯାତାୟାତ କରିପାରୁଥିବା ବେଳେ ଭ୍ରମରବାଡ଼ି

## ଅଟୋ ଭଡା ବୃଦ୍ଧିକୁ ନେଇ ଜନ ଅସନ୍ତୋଷ

ପଞ୍ଚାୟତ ହେଡ୍‌କ୍ୱାର୍ଟର୍ସଠାରୁ ଆଉ ଅଳ୍ପ ଦୂରରେ କେରୁବାଡି ଗ୍ରାମ ସମେତ ଶ୍ରାମବା ରହିଛି ଓ ସରକାରଙ୍କ ପକ୍ଷରୁ ଉକ୍ତ ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ମଧ୍ୟ ରହିଛି। କିନ୍ତୁ କୌଣସି ବସ ଚଳାଚଳ ନ ଥିବାରୁ ଲୋକେ ଲକ୍ଷ୍ମୀବସରେ ଭ୍ରମରବାଡ଼ି ପର୍ଯ୍ୟନ୍ତ ଯାତାୟାତ କରୁଛନ୍ତି। ଭ୍ରମରବାଡ଼ିରୁ କେରୁବାଡି ଓ ଶ୍ରାମବା ଯିବାକୁ ଅଟୋ ଚାଳକମାନେ ୩୦ଟଙ୍କା ପର୍ଯ୍ୟନ୍ତ ଦାବି କରୁଛନ୍ତି। ଫଳରେ ମହିଳାମାନେ ନିଜ ଗ୍ରାମକୁ ଅଟୋରେ ଯାତାୟାତରେ ୬୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଯାଉଛି। ପ୍ରଶାସନ ମଧ ଲକ୍ଷ୍ମୀ ବସ ତାଙ୍କ ଗ୍ରାମ ପର୍ଯ୍ୟନ୍ତ ଚଲେଇବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଫଳରେ ଅଞ୍ଚଳର କେରୁବାଡି ସମେତ ଡମ କ୍ଲିଉ, ବୁଡାଙ୍ଗ ପିପାଲି, ଶ୍ରାମବା ବାଡ଼ି, କୁଟେ ବାଡ଼ି, ସଲୁ ବାଡ଼ି, ନାହୁଡ଼ ବାଡ଼ି, କାହାରବାଡ଼ି, ବାଦେ ପଙ୍ଗା, କଲାମ ଡକା, ଲଦାଙ୍ଗୀ, କଲେଙ୍ଗବାଡି, ନୂଆସାହି ଆଦି ଗ୍ରାମର ଶତାଧିକ ଲୋକ ଏକତ୍ରିତ ହୋଇ ରାସ୍ତା ଅବରୋଧ କରିଥିଲେ।

ଖବର ପାଇ ଦାରିଙ୍ଗବାଡି ତହସିଲଦାର ଶରତ ଶବର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଅବରୋଧ ହଟାଇଥିଲେ। ଗ୍ରାମବାସୀ ଜିଲା ପ୍ରଶାସନଙ୍କୁ ଏହି ଦାବି ସମ୍ପର୍କରେ ଲିଖିତଭାବେ ଜଣାଇଲେ ଓ ଦାବିପତ୍ର ତହସିଲଦାର ଶରତ ଶବର ଗ୍ରହଣ କରି ଏହାର ବିଚାର କରି ଲକ୍ଷ୍ମୀବସ ଚଳାଚଳ ପାଇଁ ପ୍ରୟାସ କରାଯିବ ଓ ଅଟୋ ଡ୍ରାଇଭର ସଂଘ ସହ ଆଲୋଚନା କରି ଭଡା କମେଇବାକୁ ପ୍ରୟାସ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

ଗୋପାଳପୁର,୨୨।୪(ନବୀନରାଜ ଆଚାରୀ):

ଗତ ମାର୍ଚ୍ଚ ୧୫ତାରିଖରେ ଗୋଳନ୍ଥରା ଥାନା ଅଧିନସ୍ଥ ରାଳବ ଗ୍ରାମରେ ସଂଘବଦ୍ଧ ଆକ୍ରମଣ ଓ ମୋଟର ସାଇକେଲ ଭଙ୍ଗାରୁଜା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଳବ ତଳସାହିର ବି. ଧର୍ମାପାତ୍ର। ଗତ ୧୮ ତାରିଖରେ ଅନ୍ୟ ୬ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣା ପରଠାରୁ ଧର୍ମା ଗିରଫ ଭୟରେ ଫେରାର ହୋଇଯାଇଥିଲେ। ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ରାଳବ ଗ୍ରାମର ଶେଷ ମୁଣ୍ଡରେ ଦୁବପଲ୍ଲୀ ରାସ୍ତାରେ ମାର୍ଚ୍ଚ ୧୫ ତାରିଖ ସନ୍ଧ୍ୟାରେ ବି ସନ୍ତୋଷ ପାତ୍ରଙ୍କ ଛେଳି ଗୁହାଳଠାରେ ଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିପକ୍ଷ ଗୋଷ୍ଠୀ ହଠାତ ସେଠାରେ ପହଞ୍ଚି ଖଣ୍ଡା ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ସନ୍ତୋଷଙ୍କ ଦୁଇ ହାତ ସମେତ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଉକ୍ତ ଘଟଣା ପରେ ଅଭିଯୁକ୍ତ ନାରସିଂହୁଲୁ ଓ ପି. କୁରମ୍ମାୟା ପାତ୍ରଙ୍କ ଘର ଉପରକୁ ପଥର ମାଡ କରିବା ସହ ଗୋଟିଏ ମୋଟରସାଇକେଲ ପୋଡି ଦେଇଥିବା ବେଳେ ଅନ୍ୟଟିକୁ ଭଙ୍ଗାରୁଜା କରିଥିଲେ। ଯାହାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଥିଲା। ଘଟଣା ନେଇ ୧୩ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି ବି.ଧର୍ମା ପାତ୍ରକୁ ଗିରଫ କରାଯାଇଛି।

# ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା



କୃତୀ ପ୍ରତିଯୋଗୀ।

ଫୁଲବାଣୀ, ୨୨।୪(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଫୁଲବାଣୀ ସ୍ଥିତ କୋରୋନେଶନ ପଡ଼ିଆ ଆଥଲେଟିକ ଇଣ୍ଡୋର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଟାଏକୋଣ୍ଡୋ ସଙ୍ଘ ଓ ଫୁଲବାଣୀ ମାର୍ଟିଆଲ ଆର୍ଟ୍ସ ଏକାଡେମୀ ମିଳିତ ସହଯୋଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୫୦ରୁ ଊର୍ଦ୍ଧ୍ୱ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। ଏଥିରେ ୨୯ ଜଣ ସ୍ୱର୍ଣ୍ଣ, ୬ ଜଣ ରୌପ୍ୟ ଓ ୨ ଜଣ କାଂସ୍ୟ ପଦକ ହାସଲ କରିଥିଲେ। ଜାତୀୟ ରେଫରୀ ପ୍ରିତମ ଚନ୍ଦ୍ର ପ୍ରଧାନ, ରମାକାନ୍ତ ବେହେରା, କେ. କମଲେଶ, ସୁଜ୍ଞାନୀଜିତ ପଟ୍ଟନାୟକ ବୈଷୟିକ ଅଫିସିଆଲ ଭାବେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶା ଟାଏକୋଣ୍ଡୋ ସଙ୍ଘର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ମାଷ୍ଟର ମନମୋହନ ଭ ଖେଳ ପରିଚାଳନା କରିଥିଲେ। ଜିଲା ସଙ୍ଘ ସମ୍ପାଦକ ପ୍ରଭାତ କୁମାର ସାହୁ, ସିନିୟର ବ୍ଲାକ ବେଲ୍ଟ ଅଂଜନେୟ ମହାନ୍ତି ପ୍ରତିଯୋଗିତାରେ ସହଯୋଗ କରିଥିଲେ।

# ଛେଳିଗଡ଼ ଜଳପ୍ରକଳ୍ପ ସଂଗ୍ରାମ ସମିତିର ରାସ୍ତାରୋକୋ



ଆର. ଉଦୟଗିରି, ୨୨।୪
(ମନୋଜ କୁମାର ପାଢ଼ୀ):

ଛେଳିଗଡ ଜଳପ୍ରକଳ୍ପ ବିସ୍ଥାପିତ ସଂଗ୍ରାମ ସମତି ଦ୍ୱାରା ୧୫ ଦଫା ଦାବି ନେଇ ରାସ୍ତାରୋକୋ କରାଯାଇଛି। ଜିଲା ଅଧିକାରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା। ଆର.ଉଦୟଗିରି ବ୍ଲକ ଛେଳିଗଡ ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତିର ପୂର୍ବ ନଷ୍ପତ୍ତି ପ୍ରକାରେ ସୋମବାର ସକାଳ ୬ଟାରୁ ବିସ୍ଥାପିତ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଛେଳିଗଡ ପ୍ରକଳ୍ପ ରାସ୍ତା ଓ ହାଟପଦା ରାସ୍ତ ଉପରେ ବସି ଅବରୋଧ କରିଥିଲେ। ବୁଡ଼ି ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କ ୧୫ଟି ଦାବି ନେଇ ରାଜ୍ୟ ସରକାର ପ୍ରକଳ୍ପର ମୁଖ୍ୟ ଅଧିକାରୀ ଏବଂ ଗଜପତି ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଥିଲେ। ଦୀର୍ଘ ବର୍ଷ ପରେ ମଧ ସରକାର ସେମାନଙ୍କ ଦାବି ପୂରଣ ନ କରିବାରୁ ବିସ୍ଥାପିତ ସଂଗ୍ରାମ ସମିତି ଜାତୀୟ ରାଜପଥ ୩୨୬କୁ ଅବରୋଧ କରି ରଖିଥିଲେ। ସେମାନଙ୍କ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟିବ ନାହିଁ କି ପ୍ରକଳ୍ପ ଚାଲିଥିବା ସମସ୍ତ କାମ ବନ୍ଦ କରିବାକୁ ଅଡିବସିଥିଲେ। ଜିଲା ପ୍ରଶାସନ ବିସ୍ଥାପିତ ଲୋକଙ୍କ ସହ ଆଲୋଚନା ପରେ ରାସ୍ତା ଅବରୋଧ ହଟିଥିଲା। ଏହି ରାସ୍ତାରୋକରେ ବୁଡ଼ି ଅଞ୍ଚଳର ସଂଗ୍ରାମ ସମିତିର ସଭାପତି ଚୈତନ୍ୟ ସାହୁ ନେତୃତ୍ୱ ନେଇଥିବା ବେଳେ ତାଙ୍କ ସହ ଉପସଭାପତି ସୁରେନ୍ଦ୍ର ନାୟକ, ସମ୍ପାଦକ ଇଶ୍ୱର ରଇତ, ଉପସମ୍ପାଦକ ରମାକାନ୍ତ ପ୍ରଧାନ, ଉପଦେଷ୍ଟା ରବିନ୍ଦ୍ର ନାୟକ, କମିଟି ସଦସ୍ୟ ନରତୁମ୍ବ ରଇତ, କୁରେଶ ବଡରଇତ, ଗୋପାଳ ମହାଙ୍କୁଡ, କାର୍ତ୍ତିକା ବଡରଇତ, ଧର ବଡରଇତ ଏବଂ ବୁଡ଼ିଅଞ୍ଚଳର ଶତାଧିକ ମହିଳା, ପୁରୁଷ ରାସ୍ତାରୋକ ଯୋଗଦେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ପାଇଁ ଆର.ଉଦୟଗିରି ଏସଡିପିଓ, ଆର.ଉଦୟଗିରି ମୋହନା ଥାନା ପୋଲିସ ଉପସ୍ଥିତ ଥିଲେ।

### ଶାଳପର୍ଣ୍ଣୀ ସାହିତ୍ୟ ସଂସଦର ଆଭାସୀ ଆସର କାର୍ଯ୍ୟକ୍ରମ

ଫୁଲବାଣୀ, ୨୨।୪
(ରାକେଶ କୁମାର ରାଉତ)

ଶାଳପର୍ଣ୍ଣୀ ସାହିତ୍ୟ ସଂସଦର ଅଷ୍ଟମ ଆଭାସୀ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଟାଡିସରୁ ବାଈ ଯୋଗ ଦେଇଥିଲେ। ସେ ନୀରକ୍ଷର ହେଇଥିଲେ ମଧ ଦୈବୀ କୃପାରୁ ବିଭୂବାଣୀ ପ୍ରକାଶ କରି ଖ୍ୟାତି ଅର୍ଜନ କରିଛନ୍ତି। ପୂର୍ଣ୍ଣମାସୀ ଯାନୀଙ୍କ କଣ୍ଠରେ ଭକ୍ତି ଗୀତିକା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସଭାପତି ଡ.ବିରଂଚି ନାରାୟଣ ସାହୁ ଅତିଥି ପରିଚୟ ସହ ତାଙ୍କ ଅଲୌକିକ ଜୀବନ ଉପରେ ସମ୍ୟକ ତଥ୍ୟ ଦେଇଥିଲେ । ଅନୁଷ୍ଠାନର ମୁଖ୍ୟ ସମ୍ପାଦିକା ପ୍ରଭାତୀ ପାତ୍ର କବିତା ସଂଯୋଜନା କରିଥିଲେ । ଉକ୍ତ ଆସରରେ ଓଡିଶାର ବିଭିନ୍ନ ପ୍ରାନ୍ତରରୁ ଏବଂ ବାଙ୍ଗାଲୋର କର୍ନାଟକରୁ ୨୨ଜଣ ଲେଖକ ଲେଖିକା ଯୋଗ ଦେଇ କବିତା ପାଠ କରିଥିଲେ। ବାଙ୍ଗାଲୋରରୁ ପ୍ରଜ୍ଞା ପାରମିତା ସାହୁ, ଓଡ଼ିଶାରୁ ଡ. ମଧୁମିତା ଷଡ଼ଙ୍ଗୀ, ରାକେଶ ମହାନ୍ତି, ସ୍ୱାଗତିକା ସାହୁ, ଡ.ହରପ୍ରିୟା ମହାନ୍ତି, ଝୁନା କୁମାରୀ ସାହୁ, ସୌଦାଗର ସିଅ, ସ୍ନେହା ବେହେରା, ପୁଷ୍ପିତା ପଟ୍ଟନାୟକ, ଆଶିଷ କୁମାର ବେହେରା, ପ୍ରମୁଖଙ୍କ କବିତା ମନ ମୋହିଥିଲା।

# ନବୀନ ପଟ୍ଟନାୟକଙ୍କ ରେକର୍ଡ ବିଜୟ ପାଇଁ ପୂଜାର୍ଚ୍ଚନା

ହିଞ୍ଜିଳିକାଟୁ, ୨୨।୪(ଦ୍ୱିତୀକୃଷ୍ଣ ପଣ୍ଡା):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ରେକର୍ଡ ସଂଖ୍ୟକ ବ୍ୟବଧାନରେ ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ପାଇଁ ବିଭିନ୍ନ ମନ୍ଦିରରେ ସୋମବାର ଯଜ୍ଞ ଓ ପୂଜାର୍ଚ୍ଚନା ଆୟୋଜନ ହୋଇଛି। ହିଞ୍ଜିଳି ମା' କନକଦୁର୍ଗା ମନ୍ଦିର, ନୂଆଁଗଡ ଶିବ ମନ୍ଦିର ଓ ବଇଁଚବଣିଆ ଗୀତା ମନ୍ଦିର ପରିସରରେ ପୃଥକ ଭାବେ ପୂଜାର୍ଚ୍ଚନା ଆୟୋଜିତ ହୋଇଛି। ସେହିଭଳି ହିଞ୍ଜିଳିକାଟୁ ବ୍ଲକ ଓ ଶେରଗଡ଼ ବ୍ଲକର ବିଭିନ୍ନ ଆଧାତ୍ମିକ ପୀଠରେ ପୂଜାର୍ଚ୍ଚନା ସହ ଯଜ୍ଞ ଆୟୋଜନ ହୋଇଛି। ଚବିଶ ବର୍ଷ ଧରି ଏହି ଅଞ୍ଚଳରୁ ପ୍ରତିନିଧି କରି ଆମକୁ କୃତାର୍ଥ କରିଛନ୍ତି ଓ ଆଧୁନିକ ଓଡ଼ିଶାର ଉନ୍ନତିର ପ୍ରମୁଖ ବିଧାଣୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ନିରାମୟ ଜୀବନ କାମନା ସହ ବିଶ୍ୱ ରେକର୍ଡ ସଂଖ୍ୟକ ବିଜୟୀ ପାଇଁ ପୂଜାର୍ଚ୍ଚନା କରାଯାଉଛି ବୋଲି ହିଞ୍ଜିଳିକାଟୁ ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୨୪ରେ ମୁଖ୍ୟମନ୍ତ୍ରୀ ଚଳିତ ନିର୍ବାଚନରେ ପ୍ରଚାର ହିଞ୍ଜିଳି ନିର୍ବାଚନ ମଣ୍ଡଳୀରୁ ଆରମ୍ଭ କରିବେ। ରେକର୍ଡ ବିଜୟ ପାଇଁ ହିଞ୍ଜିଳିରେ ଶୁଭ କାମନା ଓ ପୂଜାର୍ଚ୍ଚନା କରାଯାଇଥିଲା ବୋଲି କାଉନସିଲର ବିଭୁପ୍ରସାଦ ପଣ୍ଡା ଓ ଜିଲା ବିଜେଡ଼ି ନେତା ପ୍ୟାରିମୋହନ ପାଢ଼ୀ କହିଛନ୍ତି।

# ମା' ରାମଚଣ୍ଡୀଙ୍କ ପୀଠରେ ପୃଥିବୀ ଦିବସ



ଗଞ୍ଜାମ,୨୨।୪(ବିଦ୍ୟାଧର ସାହୁ)

ଦିନକୁ ଦିନ ପୃଥିବୀରେ ଗଛଲତା କଟାଯାଇ ଚାରିଆଡେ ଜନବସତି ସୃଷ୍ଟି ହେବାରେ ଲାଗିଛି। ତା' ସହ ତାପମାତ୍ରା ମଧ ବଢ଼ିବାରେ ଲାଗିଛି। ସେହିପରି ପୃଥିବୀ ପୃଷ୍ଠର ସନ୍ତୁଳନ ମଧ ବିଗିଡିବାରେ ଲାଗିଛି। ଯେଉଁଥିପାଇଁ କି ଜଳବାୟୁରେ ଆକାଶ ପାତାଳ ପରିବର୍ତ୍ତନ ଦେଖିବାକୁ ମିଳୁଛି। ତେଣୁ ଏ ସବୁକୁ ନଜରରେ ରଖି ତଥା ଏପ୍ରିଲ ୨୨ ତାରିଖ ସୋମବାର ପୃଥିବୀ ଦିବସ ପାଳନ ଅବସରରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ମାଁ ରାମଚଣ୍ଡୀ ଟ୍ରଷ୍ଟ, ପରିଚାଳନା କମିଟି ଓ ପୂଜା କମିଟିର ମିଳିତ ଉଦ୍ୟମରେ ମା' ରାମଚଣ୍ଡୀ ମନ୍ଦିର ପରିସରରେ ରହିଥିବା ପାହାଡ଼ରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବା ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପୂର୍ବାହ୍ନରେ କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିଲା। ଏଥିରେ ସହଯୋଗର ହାତ ବଢାଇଥିଲେ ମନ୍ଦିର ପୂଜା କମିଟିର ସଭାପତି ତଥା କରପଡା ସରପଞ୍ଚ ଅଜୟ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, ଛତ୍ରପୁର ବଜରଙ୍ଗ ଦଳର ଏସ୍‌. ରାମକୃଷ୍ଣ ରେଡ୍ଡୀ, ଆଇଆରଇରେ କାର୍ଯ୍ୟରତ ମନୋରଞ୍ଜନ ନାୟକ, ଟୁଟୁ ନାୟକ। ପରେ ମା' ରାମଚଣ୍ଡୀ ମନ୍ଦିରର ଜଣେ ଭକ୍ତ ଶିବ ପାତ୍ରଙ୍କ ୧୦ ବର୍ଷର ପୁତ୍ର ଏ.ସୋହନ ପାତ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇ ତାଙ୍କ ସ୍ମୃତିରେ ବିମଳ ପଣ୍ଡାଙ୍କ ନେତୃତ୍ୱରେ ମନ୍ଦିର ପରିସରରେ କିଛି ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳକ ସନ୍ତୋଷ ପଣ୍ଡା, ଏସ୍‌. ରବି, ଲକ୍ଷ୍ମୀଧର ପ୍ରଧାନ, ୟୁ. ଶ୍ରୀକାନ୍ତ, ଶଙ୍କର ନାୟକ, ଶ୍ରୀକାନ୍ତ ରାଓ, ରୁଦ୍ର ମିଶ୍ର, ମାଧବ ସାସମଲ, ମନୋଜ ମିଶ୍ର, ସୁଧୀର ମହାରଣା, ଦଣ୍ଡପାଣି ମହାରଣା, ଶିବରାମ ନାୟକ (ଗାଣ୍ଡୁ), ବରୁଣ ନାୟକ, ଗୋପାଳ ନାୟକ ଓ ଉପେନ୍ଦ୍ର ବେହେରା ପ୍ରମୁଖଙ୍କ ବିଶେଷ ଅବଦାନ ରହିଥିଲା। ପରିଶେଷରେ ବିମଳ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବ୍ରହ୍ମପୁରରେ ଏଆଇସିସି ନେତାଙ୍କ ସମୀକ୍ଷା

ବ୍ରହ୍ମପୁର,୨୨।୪(ନରସିଂହ ସାହୁ)

ଚଳିତ ସାଧାରଣ ନିର୍ବାଚନରେ ଏନଡିଏ ମେଣ୍ଟ ୪୦୦ ଆସନ ପାର କରିବ ଏବଂ ତୃତୀୟଥର ଶାସନ କରିବ ବୋଲି ପ୍ରଧାନମନ୍ତ୍ରୀ କହି ବୁଲୁଛନ୍ତି। ଭାଜପା ନେତୃତ୍ୱ ଶାସନର ୧୦ ବର୍ଷରେ ଲଗାମଛଡ଼ା ଦରବୃଦ୍ଧି ଯୋଗୁ ଗରିବ ଓ ମଧ୍ୟବିତ ଶ୍ରେଣୀର ଲୋକେ କଲବଲ ହେଉଛନ୍ତି। କର୍ମନିଯୁକ୍ତି ଅଭାବରୁ ବେକାରୀ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲଛି। ତେଣୁ ଚଳିତଥର ପୁଣି କ୍ଷମତା ଦଖଲ ଦିବା ସ୍ୱପ୍ନରେ ପରିଣତ ହେବ ଏବଂ କଂଗ୍ରେସ ନେତୃତ୍ୱ ଇଣ୍ଡିଆ ମେଣ୍ଟ ସରକାର ଗଠନ କରିବ ବୋଲି ବ୍ରହ୍ମପୁର ଗସ୍ତରେ ଆସିଥିବା ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଓଡ଼ିଶା ଦାୟିତ୍ୱରେ ଥିବା ମୁଖପାତ୍ର ପ୍ରଭାତ କୁମାର ସୋମବାର କହିଛନ୍ତି।

ଗଞ୍ଜାମ ଜିଲା କଂଗ୍ରେସ କମିଟି (ପୂର୍ବ)ର ବ୍ରହ୍ମପୁରସ୍ଥ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତ ଏଆଇସିସିର ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟି କାର୍ଯ୍ୟକ୍ରମକୁ ସମର୍ଥନ ଜଣାଇଛନ୍ତି। ଚଳିତଥର ଏନଡିଏ ସରକାର




ବାପୁଜୀ ଆଶ୍ରମରେ ଖବରଦାତା ସମ୍ମିଳନୀ।

ପତନ ହେବା ସୁନିଶ୍ଚିତ ବୋଲି ସେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ବିଜେଡି ସରକାର ଉପରେ ମଧ ପ୍ରଭାତ କୁମାର ଶାଣିତ ଭାଷାରେ କଟାକ୍ଷ କରିଥିଲେ। ରାଜ୍ୟରେ ମଧ କଂଗ୍ରେସର ଫଳାଫଳ ଭଲ ହେବ ସେ ସୂଚାଇଥିଲେ।

ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଦୀପକ ପଟ୍ଟନାୟକ, ବ୍ରହ୍ମପୁର ଲୋକ ସଭା କଂଗ୍ରେସ ପ୍ରାର୍ଥୀ ରଶ୍ମି ରଞ୍ଜନ ପଟ୍ଟନାୟକ, ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଏଆଇସିସି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ଆର ପି ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକସଭା ଅନ୍ତର୍ଭୁକ୍ତ ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ଚିକିଟି, ଦିଗପହଣ୍ଡି, ପାରଳାଖେମୁଣ୍ଡି ଓ ମୋହନା ସେଗମେଣ୍ଟର ଦଳୀୟ ସ୍ଥିତି ନେଇ ଚିକିନିଖି ସମୀକ୍ଷା କରାଯାଇଥିଲା। ପୂର୍ବ ଅପେକ୍ଷା ସଂଗଠନ ସୁଦୃଢ଼ ଏବଂ ଜନ ସମ୍ପର୍କ ବଢୁଥିବା ସମୀକ୍ଷା ଶେଷରେ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ମିଡିଆ ସେଲ ମୁଖ୍ୟ ତତ୍‌ସତ୍‌ ସୁବୁଦ୍ଧି, ଜିଲା ଯୁବ କଂଗ୍ରେସ ସଭାପତି ବିକାଶ ନାୟକ, ମହିଳା ଓ ଛାତ୍ର କଂଗ୍ରେସ ନେତ୍ରୀ ଓ ନେତା ଉପସ୍ଥିତ ଥିଲେ।

